ପ୍ରଗତିବାଦୀ
PRAGATIVADI

16th July, 2019

# ରାଜ୍ୟପାଳଙ୍କ ଦ୍ୱାରା ହଷ୍ଟେଲ ଉଦଘାଟନ




• ଜଟଣି, ପିଏନ୍ଏସ୍

ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଭୁବନେଶ୍ୱର ଅରୁଗୁଳ ସ୍ଥିତ ସ୍ଥାୟୀ କ୍ୟାମ୍ପସ୍ ଠାରେ ସୋମବାର ପୂର୍ବାହ୍ନରେ ଓଡ଼ିଶାର ମହାମହିମ୍ ରାଜ୍ୟପାଳ ପ୍ରଫେସର୍ ଗଣେଶୀଲାଲ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୨ ଟି ନୂଆ ହଷ୍ଟେଲର ଉଦଘାଟନ କରିଥିଲେ । ବ୍ରହ୍ମପୁତ୍ର ହଲ୍ ଅଫ୍ ରେସିଡେନ୍ସ ଏବଂ ଗଙ୍ଗା ହଲ୍ ଅଫ୍ ରେସିଡେନ୍ସ ପ୍ରମୁଖ ୨ ଟି ହଷ୍ଟେଲର ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ଏହି ଅବସରରେ ମୁଖ୍ୟଅତିଥି ଗଣେଶୀ ଲାଲ୍ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ପ୍ରଥମେ ଆଶୀର୍ବାଦ ଜ୍ଞାପନ କରିବା ସହ ତୁମମାନଙ୍କ ମଧ୍ୟକୁ ଆସିବାରେ ମୋତେ ଗର୍ବ ଅନୁଭବ ଲାଗୁଛି ବୋଲି କହି ଛାତ୍ରଛାତ୍ରୀମାନଙ୍କ ଶିକ୍ଷା, ନୀତି ଓ ଆଦର୍ଶ ଉପରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟ ମୁଖ୍ୟ ଅତିଥି ଗଣେଶୀଲାଲ୍ ଏବଂ ଆଇଆଇଟି ନିର୍ଦ୍ଦେଶକ ଆର. ଭି ରାଜାକୁମାର ପ୍ରମୁଖ ବ୍ରହ୍ମପୁତ୍ର ହଲ୍ ଅଫ୍ ରେସିଡେନ୍ସ ସମ୍ମୁଖରେ ବୃକ୍ଷ ରୋପଣ କରିଥିଲେ । ଆୟୋଜିତ ସଭାରେ ଆଇଆଇଟି ନିର୍ଦ୍ଦେଶକ ଆର. ଭି ରାଜାକୁମାର ରାଜ୍ୟପାଳ ଗଣେଶୀଲାଲଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଷ୍ଟୁଡେଣ୍ଟ ଅଫେୟାର ଡିନ୍ ପ୍ରଫେସର୍ ଭି ଆର୍ ପେଡ୍ଡିରେଡ୍ଡି, ରେଜିଷ୍ଟ୍ରାର୍ ଡାଃ ସୁବୋଧ କୁମାର, ସିଭିଲ୍ ଓ୍ୱାର୍କ ଡାଃ ଦିନାକର ପାଢୀ, ଓ୍ୱାର୍ଡେନ୍ (ଆଇଆଇଟି) ଡାଃ ଶାନ୍ତନୁ ପାଲ, ନ୍ୟାଶନାଲ୍ ବିଲ୍ଡିଂ କନଷ୍ଟ୍ରକସନ୍ କର୍ପୋରେସନ୍ (ଏନ୍ବିସିସି) ର ଜେନେରାଲ ମ୍ୟାନେଜର୍ ଏମ୍.ଆର୍.ମଣି ପ୍ରମୁଖ ଯୋଗ ଦେଇଥିଲେ ।